# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22 August – 2026

**************************************

## ମୁଖ୍ୟ ସମ୍ବାଦ

- ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର ଓ ସୁରକ୍ଷିତ ପରିବେଶ ଦିଗରେ କାର୍ଯ୍ୟ କରୁଥିବା ଲୋକଙ୍କ ସୁରକ୍ଷିତ ଜୀବନ ଅପରିହାର୍ଯ୍ୟ କହିଲେ ମୁଖ୍ୟମନ୍ତ୍ରୀ।
  - ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ 'ଗରିମା ଦିବସ' ଭାବେ ପାଳନ କରିବା ନେଇ ଘୋଷଣା।
- ଚାରିବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର ଡୋଜ୍ ଉପରେ କଟକଣା ଜାରି କଲେ କେନ୍ଦ୍ର ସରକାର।
- ଭୁବନେଶ୍ୱରରେ ଆଜି ଅନୁଷ୍ଠିତ ହେଉଛି ବିଶ୍ୱ ଏଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍।

ଏବଂ

- ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ୨୧ଟି ଜିଲ୍ଲାରେ ବର୍ଷା ସମ୍ଭାବନା।

# ଗରିମା ଦିବସ-୨୦୨୬ କର୍ମଶାଳା

ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର ଓ ସୁରକ୍ଷିତ ପରିବେଶ ଦିଗରେ କାର୍ଯ୍ୟ କରୁଥିବା ଲୋକଙ୍କ ସୁରକ୍ଷିତ ଜୀବନ ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି ‘ଗରିମା ଦିବସ-୨୦୨୬ କର୍ମଶାଳା’କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ସଫେଇକର୍ମୀଙ୍କ ଜୀବନ ସୁରକ୍ଷିତ କରିବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ମର୍ଯ୍ୟାଦା ବୃଦ୍ଧି କରିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରଲୋକଗତ ଦୁଇଜଣ ସଫେଇକର୍ମୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରି କହିଛନ୍ତି କ୍ଷତିପୂରଣ ପ୍ରଦାନ ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ହେଉଛି ମୃତ୍ୟୁ ପୂର୍ବରୁ ସୁରକ୍ଷା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ‘ଗରିମା ଦିବସ’ ଭାବେ ପାଳନ କରିବା ନେଇ ଘୋଷଣା କରିଛନ୍ତି।

# - V/O -

କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗ ସଚିବ ସୁଧାଂଶୁ ପନ୍ଥ ସଫେଇକର୍ମୀଙ୍କ ସୁରକ୍ଷା, ଆର୍ଥିକ ଉନ୍ନତି ଓ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ଦେଶର ଉଦାହରଣ ସୃଷ୍ଟି କରିଛି ବୋଲି କହିଛନ୍ତି। କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ବିଶେଷଜ୍ଞ ଓ ଅଧିକାରୀମାନେ ଯୋଗ ଦେଇଥିଲେ।

## ଗଭ୍-ଏଫ୍‌ବିସି

ଚାରି ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ କେତେକ ସ୍ୱତନ୍ତ୍ର ଡୋଜ୍ ମିଶ୍ରିତ ଔଷଧ ଉତ୍ପାଦନ, ବିକ୍ରୟ ଏବଂ ଯୋଗାଣ ଉପରେ କେନ୍ଦ୍ର ସରକାର କଟକଣା ଜାରି କରିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କ୍ଲୋରାଫେନିରାମାଇନ ମାଲିଏଟ ଏବଂ ଫେନାଇଲେଫ୍ରିନ ହାଇଡ୍ରୋ କ୍ଲୋରାଇଡ ମିଶ୍ରଣଯୁକ୍ତ ଔଷଧ ଏଥିରେ ଅନ୍ତର୍ଭୁକ୍ତ । ପିଲାଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଏପରିକି ଔଷଧ ପ୍ରସ୍ତୁତକର୍ତ୍ତାଙ୍କୁ ପ୍ୟାକେଟ୍ ଉପରେ 'ନିର୍ଦ୍ଦିଷ୍ଟ ଡୋଜ୍ ମିଶ୍ରଣ' ୪ ବର୍ଷରୁ କମ୍ ବୟସର ପିଲାଙ୍କଠାରେ ବ୍ୟବହାର କରାଯିବ ନାହିଁ ବୋଲି ପ୍ରଚାରମୂଳକ ସୂଚନା ଦେବାକୁ କୁହାଯାଇଛି । ଗତ ଜୁନ୍ ମାସରେ ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ୧୬ଟି ନିର୍ଦ୍ଦିଷ୍ଟ ଡୋଜ୍ ମିଶ୍ରତ ଔଷଧର ପ୍ରସ୍ତୁତି, ବିକ୍ରୟ ଏବଂ ଯୋଗାଣ ଉପରେ ନିଷେଧାଦେଶ ଜାରି କରାଯାଇଥିଲା । ବିଶେଷଜ୍ଞ କମିଟି ଏବଂ ଔଷଧ ବୈଷୟିକ ପରାମର୍ଶଦାତା ବୋର୍ଡର ସୁପାରିଶ ଆଧାରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

Desk

## ଚାଷୀ ପଞ୍ଜୀକରଣ ପ୍ରକ୍ରିୟା

୨୦୨୬-୨୭ ଖରିଫ ଋତୁ ପାଇଁ ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି । ରାଜ୍ୟରେ ଗତକାଲି ଗୋଟିଏ ଦିନରେ ୧ ଲକ୍ଷ ୨୦ ହଜାର ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏପର୍ଯ୍ୟନ୍ତ ୭

ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏହି ପଞ୍ଜୀକରଣ ପ୍ରକ୍ରିୟା ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆସନ୍ତା ନଭେମ୍ବର ୧ ତାରିଖରୁ ୨୦୨୭ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଧାନ ସଂଗ୍ରହ କେନ୍ଦ୍ର – ପାକ୍ସରେ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ।

**- V/O –**

Desk

## ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ–୨୦୨୬

ପୌରସଂସ୍ଥାଗୁଡ଼ିକ ପାଇଁ ସାମଗ୍ରିକ ସମୀକ୍ଷା ଓ ଅନୁସ୍ଥାପନ କାର୍ଯ୍ୟକ୍ରମ 'ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ୨୦୨୬' ଆସନ୍ତାକାଲି ଅନୁଷ୍ଠିତ ହେବ। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସକ, ଯୋଜନାକାରୀ, ପୌରପ୍ରତିନିଧି ଓ ଯନ୍ତ୍ରୀମାନେ ବିଭିନ୍ନ ଯୋଜନାର ସମୀକ୍ଷା କରି ସମସ୍ୟା ଚିହ୍ନଟ କରିବେ। କାର୍ଯ୍ୟକ୍ରମକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିବେ। ଏହି ଦିନିକିଆ ସମ୍ମିଳନୀରେ ପୌରସଂସ୍ଥାର ରାଜସ୍ୱ ବୃଦ୍ଧି, ଟାୟାର-୨ ଏବଂ ୩ ପର୍ଯ୍ୟାୟଭୁକ୍ତ ସହରଗୁଡ଼ିକର ଯୋଜନା ଓ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅନ୍ତର୍ଗତ ଭିତ୍ତିଭୂମି ବିକାଶ ଉପରେ ବିଚାର ବିମର୍ଶ କରାଯିବ।

Desk

## ସୌରଶକ୍ତି ସ୍ଥାପନ

ରାଜ୍ୟରେ ସୌରଶକ୍ତି ସ୍ଥାପନ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ଶୀର୍ଷରେ ରହିଛି । ଗଞ୍ଜାମ ଜିଲ୍ଲାରେ ୧୬ ହଜାର ୪୧୮ଟି ଛାତ ଉପରେ ସୌରଶକ୍ତି ସ୍ଥାପନ ହୋଇଥିବା ଜଣାପଡ଼ିଛି। ଏ କ୍ଷେତ୍ରରେ ବାଲେଶ୍ୱର ଦ୍ୱିତୀୟ ସ୍ଥାନରେ ରହିଥିଲାବେଳେ ଖୋର୍ଦ୍ଧା ତୃତୀୟ ଓ କଟକ ଚତୁର୍ଥ ସ୍ଥାନରେ ରହିଛି । ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲାରେ ଏପର୍ଯ୍ୟନ୍ତ ୨୫ ହଜାର ୨୭୭ଟି ସୌରଶକ୍ତି ସ୍ଥାପନ ହୋଇଥିବା ଜଣାପଡ଼ିଛି ।

Desk

## ସିଲଭର ମିଟ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜି ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍ ଜାରି ରହିଛି। ପ୍ରତିଯୋଗିତାରେ ୨୬ଟି ଦେଶର ୧୯୮ ଜଣ କ୍ରୀଡ଼ାବିତ୍ ଭାଗ ନେଇଛନ୍ତି। ଆଜି ସନ୍ଧ୍ୟାରେ ଆନୁଷ୍ଠାନିକ ଭାବେ ଏହି ପ୍ରତିଯୋଗିତାର ବିଜେତାମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କାର ପ୍ରଦାନ କରିବେ ।

ଏଥିରେ ୧୨ଟି ଏସୀୟ ଦେଶର ୧୪୩ ଜଣ ଶ୍ରେଷ୍ଠ ଖେଳାଳି ସାମିଲ ଥିବା ଜଣାପଡିଛି। ମୁଖ୍ୟ ଅନ୍ତର୍ଜାତୀୟ ଦଳଗୁଡ଼ିକ ମଧ୍ୟରେ ଶ୍ରୀଲଙ୍କାର ୨୪, ଦକ୍ଷିଣ ଆଫ୍ରିକାର ୧୭ ଏବଂ ବ୍ରାଜିଲର ୧୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାରେ ଓଡ଼ିଶାର କ୍ରୀଡାବିତ୍ ଅନିମେଷ କୁଜୁର୍, ସ୍ୱାଧୀନ କୁମାର ମାଝୀ, କିଶୋର ଜେନା, ବାପି ହାଂସଦା, ଶ୍ରାବଣୀ ନନ୍ଦ ଏବଂ ପ୍ରଜ୍ଞା ପ୍ରଶାନ୍ତି ସାହୁ ଭାଗ ନେଇଛନ୍ତି। ଗତବର୍ଷର

ସଫଳ ବ୍ରୋଞ୍ଜସ୍ତରୀୟ ପ୍ରତିଯୋଗିତା ପରେ ସିଲଭର ସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯାଉଛି।

ଏହି ଏକଦିବସୀୟ ପ୍ରତିଯୋଗିତାରେ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ଭାବେ ୧୮ଟି ଇଭେଣ୍ଟ ରହିଛି। ୨୦୨୮ ମସିହାରେ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଇନ୍‌ଡୋର ଚାମ୍ପିଅନ୍‌ସିପ୍ ଓ ଏସୀୟ ଇନ୍‌ଡୋର ଆଇଲେଟିକ୍ସ ଚାମ୍ପିଅନ୍‌ସିପ୍ ପାଇଁ ଏହା ଏକ ବଡ଼ ପ୍ରସ୍ତୁତି ପଦକ୍ଷେପ। ସବିଶେଷ ସୂଚନା ଅନୁଯାୟୀ ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦ ମହିଳା ୧୦୦ ମିଟର ଦୌଡ଼ରେ ରୌପ୍ୟପଦକ ହାସଲ କରିଥିବାବେଳେ, ୧ ହଜାର ୫୦୦ ମିଟର ଦୌଡ଼ରେ ଲିଲି ଦାସ ରୌପ୍ୟପଦକ ହାସଲ କରିଛନ୍ତି।

Nuapada

## ଅମ୍ଳଜାନ ବ୍ୟାଙ୍କ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଖୁଦପେଜ ଗ୍ରାମପଞ୍ଚାୟତରେ ଅମ୍ଳଜାନ ବ୍ୟାଙ୍କ ଉଦ୍‌ଘାଟିତ ହୋଇଛି। ଗ୍ରାମପଞ୍ଚାୟତର ୬ ଏକର ଜମିରେ ୬ ହଜାରରୁ ଅଧିକ ଫଳବୃକ୍ଷ ରୋପଣ କରାଯାଇ ଅମ୍ଳଜାନ ସୃଷ୍ଟି କରାଯାଉଛି।  ଆଗାମୀ ଦିନରେ ଏହି ପ୍ରକଳ୍ପ ପର୍ଯ୍ୟଟନର ମାନ୍ୟତା ପାଇବ ବୋଲି ଜିଲ୍ଲାପାଳ ମଧୁସୂଦନ ଦାସ କହିଛନ୍ତି।

Boudh

## ପ୍ରକଳ୍ପ ଶିଳାନ୍ୟାସ

ବୌଦ୍ଧ ଜିଲ୍ଲାରେ ସାଂସଦ ସୁକାନ୍ତ ପାଣିଗ୍ରାହୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାରେ ଚାଲିଥିବା

ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟକାରିତା ସମୀକ୍ଷା କରିବା ଅବସରରେ ସାଂସଦ ଶ୍ରୀ ପାଣିଗ୍ରାହୀ ନିର୍ଦ୍ଧାରିତ ସମୟ ମଧ୍ୟରେ ମହାନଦୀ ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ଗସ୍ତ ସମୟରେ ଶ୍ରୀ ପାଣିଗ୍ରାହୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିବା ଜଣାପଡ଼ିଛି ।

Kendrapara

## ଜିଲ୍ଲାପାଳଙ୍କ ସମୀକ୍ଷା

କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରବର୍ତ୍ତୀ ସ୍ଥିତି ଏବଂ ରିଲିଫ୍ ପରିଚାଳନା ନେଇ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ରିଲିଫ ପ୍ରଦାନ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ବନ୍ୟା ପ୍ରଭାବିତ ଲୋକମାନଙ୍କୁ ଜରୁରୀ ସେବାଗୁଡ଼ିକର ନିରନ୍ତର ଯୋଗାଣ ନିଶ୍ଚିତ କରିବାକୁ ଜିଲ୍ଲାପାଳ ରଘୁରାମ ଆର୍ ଆୟର ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

Sonepur

## କୁଇଜ୍ ପ୍ରତିଯୋଗିତା

ସୁବର୍ଣ୍ଣପୁର ଜିଲ୍ଲାରେ ଇନ୍‌ଟାକ ପକ୍ଷରୁ ଜାତୀୟ ଐତିହ୍ୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସାହାରା ଟ୍ରଷ୍ଟ ହାଇସ୍କୁଲରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ସପ୍ତମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୩୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏଥିରେ ସଫଳତା ପାଇଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ।

Nabarangpur

## କବିତା ପାଠୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ ନବରଙ୍ଗପୁରର ଦେଶିଆ କୁଟୁମ୍ବ ପକ୍ଷରୁ ପାପଡ଼ାହାଣ୍ଡି ଓ ମାଥୁଲି ଗୁଳିକାଣ୍ଡର ଶହୀଦ ଓ ସଂଗ୍ରାମୀମାନଙ୍କ ସ୍ମୃତିରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

Puri

## ଶ୍ରୀମନ୍ଦିର ଗଣତି ମଣତି

ଶ୍ରୀମନ୍ଦିରରେ ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ଆସନ୍ତା ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ତାରିଖରେ ରତ୍ନଭଣ୍ଡାର ଗଣତି ମଣତି ହେବା ନେଇ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ବ୍ୟବସ୍ଥାବଳୀ ଅନୁଯାୟୀ, ଏହି ଗଣତି ମଣତି ହେବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି ସୂଚନା ଦେଇଛନ୍ତି।

Desk

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ପଶ୍ଚିମ ବଙ୍ଗୋପସାଗର, ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ଗଜପତି ଜିଲ୍ଲାର

କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଜୁଳି ଓ ଘଡଘଡି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ଚିଲିକାରେ ସର୍ବାଧିକ ୯୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପାଣିପାଗ ବିଭାଗ ପକ୍ଷରୁ ବାରଣ କରାଯାଇଛି।